# NATIONAL NEWS BULLETIN (ODIA)

**21 May - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଦେଶର ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୬୦ ଦଶମିକ ୦/୯ ପ୍ରତିଶତ ମତଦାତା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଛନ୍ତି ।

- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରରେ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓଡ଼ିଶାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ କଲେ ପ୍ରଚାର ।

- ଆସନ୍ତା ମାସ ୨୮ ତାରିଖରେ ଅନୁଷ୍ଠିତ ହେବ ଇରାନ୍‌ରେ ରାଷ୍ଟ୍ରପତି ନିର୍ବାଚନ ।

- ବାଂଲାଦେଶର ଶେରପୁରଠାରେ ଅନୁଷ୍ଠିତ ହେଉଛି ତିନିଦିନିଆ ଭାରତ-ବଙ୍ଗଳା ସଂଗୀତ ମହୋତ୍ସବ ।

ଏବଂ

- ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଆସନ୍ତା ମାସ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ପାଇଁ ଗ୍ରୀଷ୍ମଛୁଟି ଘୋଷଣା କଲେ ଦିଲ୍ଲୀ ସରକାର ।

# ଫିଫ୍ଥ ଫେଜ୍ ଭୋଟର

ଦେଶର ପଞ୍ଚମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ମତଦାନ ହାର ୬୦ ଦଶମିକ ୦/୯ ପ୍ରତିଶତ ହୋଇଛି । ଏହି ପର୍ଯ୍ୟାୟରେ ୬ଟି ରାଜ୍ୟ ଏବଂ ୨ଟି କେନ୍ଦ୍ର ଶାସିତ ଅଞ୍ଚଳର ୪୯ଟି ସଂସଦୀୟ କ୍ଷେତ୍ର ପାଇଁ ଗତକାଲି ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ମତଗ୍ରହଣ ସମ୍ପନ୍ନ ହୋଇଥିଲା । ଦେଶର ବିଭିନ୍ନ ପ୍ରାନ୍ତରେ ଗ୍ରୀଷ୍ମର ପ୍ରକୋପ ଅନୁଭୂତ ହୋଇଥିଲେ ମଧ୍ୟ ମତଦାତାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ସେଗୁଡ଼ିକ ମଧ୍ୟରେ ଉତ୍ତର ପ୍ରଦେଶର ୧୪, ମହାରାଷ୍ଟ୍ରର ୧୩, ପଶ୍ଚିମବଙ୍ଗର ୭, ଓଡ଼ିଶା ଓ ବିହାରର ୫ଟି ଲେଖାଏଁ, ଝାଡ଼ଖଣ୍ଡର ୩ଟି, ଜାମ୍ମୁ କାଶ୍ମୀର ଓ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳର ଗୋଟିଏ ଲେଖାଏଁ ଆସନରେ ମତଗ୍ରହଣ କରାଯାଇଛି । ଏହି ପର୍ଯ୍ୟାୟରେ ନିର୍ବାଚନ ରଣାଙ୍ଗନରେ ଥିବା ୬୯୫ ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭବିଷ୍ୟତ ଇ.ଭି.ଏମ୍.ରେ ସିଲ୍ ହୋଇଯାଇଛି ।

ନିର୍ବାଚନ ଆୟୋଗଙ୍କ ମିଳିଥିବା ସୂଚନା ଅନୁଯାୟୀ ଜାମ୍ମୁ କାଶ୍ମୀରର ବାରମୁଲାରେ ନିର୍ବାଚନ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହ ଶେଷ ହେବା ସହ ସେଠାରେ ମତଦାନହାର  ୫୬ ଦଶମିକ ୭/୩ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ବିଗତ ୩୫ ବର୍ଷ ମଧ୍ୟରେ ଏହା ସବୁଠାରୁ ଅଧିକ ବୋଲି ଜଣାପଡ଼ିଛି । ବିହାରରେ ୫୪ ଦଶମିକ ୮/୫ ପ୍ରତିଶତ ମତଦାନ ହୋଇଥିବା ବେଳେ ଝାଡ଼ଖଣ୍ଡରେ ୬୩ ଦଶମିକ ୦/୭ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।

ଅନ୍ୟ ଅଞ୍ଚଳ ଗୁଡ଼ିକ ମଧ୍ୟରେ ଲଦାଖରେ ଅଣସ୍ତରୀ ଦଶମିକ ୬/୨ ପ୍ରତିଶତ, ମହାରାଷ୍ଟ୍ରରେ ୫୪ ଦଶମିକ ୨/୯ ପ୍ରତିଶତ, ଓଡ଼ିଶାରେ ୬୭ ଦଶମିକ ୫/୯ ପ୍ରତିଶତ, ଉତ୍ତରପ୍ରଦେଶରେ ୫୭ ଦଶମିକ ୭/୯ ପ୍ରତିଶତ ଏବଂ ପଶ୍ଚିମବଙ୍ଗରେ ୭୪ ଦଶମିକ ୬/୫ ପ୍ରତିଶତ ମତଦାତା ଗତକାଲି ତାଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଛନ୍ତି ।

ଏହି ପର୍ଯ୍ୟାୟରେ ମତଦାନ ସହ ଚଳିତ ସାଧାରଣ ନିର୍ବାଚନରେ ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୪୨୮ଟି ସଂସଦୀୟ କ୍ଷେତ୍ର ପାଇଁ ଭୋଟ ଗ୍ରହଣ ସମ୍ପୂର୍ଣ୍ଣ ହୋଇଛି । ସେହିଭଳି ଅରୁଣାଚଳ ପ୍ରଦେଶ, ସିକିମ୍, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ୬୩ଟି ବିଧାନସଭା ମଣ୍ଡଳୀ ପାଇଁ ମତଗ୍ରହଣ ଶେଷ ହୋଇଛି ।

# ପିଏମ୍-ଫିଫ୍ଥ ଫେଜ୍

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲିର ପଞ୍ଚମ ପର୍ଯ୍ୟାୟ ମତଦାନରେ ଭୋଟରଙ୍କ ଉତ୍ସାହ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି ମତଦାତାଙ୍କ ଅଂଶଗ୍ରହଣର ଧାରାକୁ ଲକ୍ଷ୍ୟକଲେ ଏହା ଏନ୍‌ଡିଏ ସରକାରଙ୍କୁ ଅଧିକରୁ ଅଧିକ ସମର୍ଥନ ମିଳୁଥିବା ଜଣାପଡିଛି । ଯାହା ଜଣାପଡୁଛି ଦେଶର ନାଗରିକମାନେ ଏନ୍‌ଡିଏ ସରକାରଙ୍କୁ ପୁନଃ କେନ୍ଦ୍ରରେ ଦାୟିତ୍ୱ ଅର୍ପଣ କରିବାକୁ ନିଷ୍ପତ୍ତି ନେଇସାରିଛନ୍ତି । ଇଣ୍ଡିମେଣ୍ଟକୁ ମତଦାତା ଅଗ୍ରାହ୍ୟ କରିଥିବା ମଧ୍ୟ ଜଣାପଡୁଛି । ଜାମ୍ମୁକାଶ୍ମୀରର ବାରମୁଲା ନିର୍ବାଚନ କ୍ଷେତ୍ରରେ ଭୋଟରଙ୍କୁ ପ୍ରଧାନମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରି କହିଛନ୍ତି ଚଳିତଥର ନିର୍ବାଚନରେ ସେମାନଙ୍କର ଅଂଶଗ୍ରହଣ ଗତ ୩୫ ବର୍ଷର

ଧାରାକୁ ଭାଙ୍ଗି ଇତିହାସ ସୃଷ୍ଟି କରଛି । ଏହା ଗଣତାନ୍ତ୍ରିକ ପଦ୍ଧତି କ୍ଷେତ୍ରରେ ବିଶେଷ ଉତ୍ସାହ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଅମିତ ଶାହା ପ୍ରଚାର

ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଓଡ଼ିଶାର ସମ୍ବଲପୁରଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇଥିଲେ। ଜନସମାବେଶକୁ ସମ୍ବୋଧନ କରି ସେ କହିଥିଲେ ପାଇକ ବିଦ୍ରୋହକୁ ସମ୍ମାନ ଜଣାଇ ମୋଦୀ ସରକାର ଡାକଟିକଟ ପ୍ରଚଳନ କରିଛନ୍ତି । ଓଡ଼ିଶାରେ ଯଥେଷ୍ଟ ଖଣିଜ ସମ୍ପଦ ଥିଲେ ମଧ୍ୟ ତାହାର ସଦୁପଯୋଗ ହେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଦଳର ବହୁ ରାଜ୍ୟସ୍ତରୀୟ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ । ସମାବେଶ ସମାପନ ପରେ ଶ୍ରୀ ଶାହା ସମଲେଇ ମନ୍ଦିର ଯାଇ ମା'ଙ୍କର ଦର୍ଶନ କରିଥିଲେ ।

## ଇରାନ୍-ପ୍ରେଜ୍ ପୋଲ

ଆସନ୍ତା ଜୁନ୍ ୨୮ ତାରିଖରେ ଇରାନ୍‌ରେ ରାଷ୍ଟ୍ରପତି ନିର୍ବାଚନ କରାଯିବ । ଇରାନର କାର୍ଯ୍ୟକାରୀ ରାଷ୍ଟ୍ରପତି ମହମ୍ମଦ ମୋଖବର, ନ୍ୟାୟପାଳିକା ମୁଖ୍ୟ ଘୋଲାମ ହୋସେନ ମୋହସେନି ଏଜେଇ, ସଂସଦର ବାଚସ୍ପତି ମହମ୍ମଦ ବକର କାଲିଓ୍ୱଫ, ଆଇନ୍ ବ୍ୟାପାର ଉପାଧ୍ୟକ୍ଷ ମହମ୍ମଦ ଦେହକାନ ଏବଂ ଇରାନ୍ ସମ୍ବିଧାନ ପରିଷଦ ଓ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟର ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଛି । ସୂଚନାଯୋଗ୍ୟ ହେଲିକପ୍ଟର ଦୁର୍ଘଟଣାରେ ରାଷ୍ଟ୍ରପତି ଇବ୍ରାହିମ୍ ରଇସିଙ୍କର ମୃତ୍ୟୁ ହେବା ପରେ ଦେଶର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲ୍ଲୀ

ଖମେନି, ଉପରାଷ୍ଟ୍ରପତି ମହମ୍ମଦ ମୋଖବରଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ନିଯୁକ୍ତ କରିଛନ୍ତି । ଇରାନ୍‌ର ସମ୍ବିଧାନ ଅନୁଯାୟୀ କାର୍ଯ୍ୟକାରୀ ରାଷ୍ଟ୍ରପତି ୫୦ଦିନ ମଧ୍ୟରେ ନୂତନ ରାଷ୍ଟ୍ରପତି ଚୟନ କରିବା ପାଇଁ ବ୍ୟବସ୍ଥା କରିବାକୁ ବାଧ୍ୟ । ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୩୦ ତାରିଖରୁ ଜୁନ୍ ୩ ତାରିଖ ମଧ୍ୟରେ ପ୍ରାର୍ଥୀ ପଞ୍ଜିକରଣ କାର୍ଯ୍ୟ କରାଯିବ ଏବଂ ନିର୍ବାଚନ ପ୍ରଚାର ଅବଧି ଜୁନ୍ ୧୨ରୁ ୨୭ ତାରିଖ ପର୍ଯ୍ୟନ୍ତ ସ୍ଥିର କରାଯାଇଛି । ଇତିମଧ୍ୟରେ ଇରାନ୍ ସଶସ୍ତ୍ର ବାହିନୀର ଚିପ୍ ଅଫ୍ ଷ୍ଟାଫ୍ ମେଜର ଜେନେରାଲ ମହମ୍ମଦ ବାଘେରି ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ହେଲିକପ୍ଟର ଦୁର୍ଘଟଣାର ତଦନ୍ତ ଭାର ଅର୍ପଣ କରିଛନ୍ତି । କାର୍ଯ୍ୟକାରୀ ରାଷ୍ଟ୍ରପତି ମୋଖବର କହିଛନ୍ତି ଦକ୍ଷିଣ ଖୋରସାନ ପ୍ରଦେଶରେ ଆସନ୍ତା ଗୁରୁବାର ଦିନ ରାଷ୍ଟ୍ରପତି ରାଇସିଙ୍କର ଅନ୍ତିମ ସଂସ୍କାର କରାଯିବ ।

## ରାଷ୍ଟ୍ରୀୟ ଶୋକ

ଇରାନ୍ ରାଷ୍ଟ୍ରପତି ଇବ୍ରାହିମ ରାଇସି ଏବଂ ସେଠାକାର ବୈଦେଶିକ ମନ୍ତ୍ରୀ ହୋସେନ ଅମିର ଅବଦୋଲ୍ଲାହିଆନଙ୍କ ମୃତ୍ୟୁରେ ଭାରତ ଆଜି ରାଷ୍ଟ୍ରୀୟ ଶୋକ ପାଳନ କରୁଛି । ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି ।

## ବାଂଲାଦେଶ-ଲାଲନ ଶାହା ଆନିଭର୍ସରୀ

ସନ୍ଥ ଫକୀର ଲାଲନ ଶାହାଙ୍କ ୨୫୦ତମ ଜୟନ୍ତୀ ଅବସରରେ ବାଂଲାଦେଶ ଶେରପୁରଠାରେ ଗତକାଲିଠାରୁ ତିନିଦିନିଆ ଭାରତ-ବଙ୍ଗଳା ସଂଗୀତ ମହୋତ୍ସବ ଆରମ୍ଭ ହୋଇଛି । ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଏବଂ ବାଂଲାଦେଶର ସାଂସ୍କୃତିକ ମନ୍ତ୍ରଣାଳୟର ମିଳିତ

ସହଯୋଗରେ ଲାଲନ ବିଶ୍ୱ ସଂଘ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଛି । ଗତକାଲି ପ୍ରଥମ ଦିନରେ ଶେରପୁରସ୍ଥିତ ଶିଳ୍ପକଳା ଏକାଡେମୀରେ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଭାରତ ଓ ବାଂଲାଦେଶର ବହୁ ବାଉଲ୍ କଣ୍ଠଶିଳ୍ପୀ ଏବଂ କଳାକାର ନୃତ୍ୟ ପରିବେଷଣ କରିଥିଲେ ।

ଫକୀର ଲାଲନ ଶାହାଙ୍କୁ ବାଂଲାଦେଶ ଏବଂ ଭାରତ ବାଉଲ୍ ପରମ୍ପରାର ପ୍ରମୁଖ ବ୍ୟକ୍ତି ଭାବରେ ବିବେଚନା କରାଯାଏ । ୧୭୭୪ ମସିହାରେ ଆଧୁନିକ ବାଂଲାଦେଶ ଝେନାଇଦା ଜିଲ୍ଲାର ହୋରିସପୁରଠାରେ ସେ ଜନ୍ମଗ୍ରହଣ କରିଥିଲେ । ଜଣେ ବିଶିଷ୍ଟ ବଙ୍ଗୀୟ ଦାର୍ଶନିକ, ବାଉଲ୍ ସନ୍ଥ, ସମାଜ ସଂସ୍କାରକ ଏବଂ ଜଣେ ବିଶିଷ୍ଟ ଚିନ୍ତାନାୟକ ଭାବେ ଫକୀର ଲାଲନ ଶାହା ପରିଚିତ ।

# ଆତଙ୍କବାଦୀ ବିରୋଧ ଦିବସ

ଆତଙ୍କବାଦ ବିରୋଧ ଦିବସ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି । ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ପ୍ରତିବର୍ଷ ଆଜିର ଦିବସକୁ ଦେଶରେ ଆତଙ୍କବାଦୀ ବିରୋଧ ଦିବସ ଭାବେ ପାଳନ କରାଯାଉଛି । ୧୯୯୧ ମସିହା ଆଜିର ତାରିଖରେ ଚେନ୍ନାଇ ନିକଟସ୍ଥ ଶ୍ରୀ ପେରମ୍ବୁଦୁରଠାରେ ଏଲ୍.ଟି.ଟି କର୍ମୀଙ୍କ ଆତ୍ମଘାତୀ ବୋମା ବିସ୍ଫୋରଣରେ ତାଙ୍କର ମୃତ୍ୟୁ ହୋଇଥିଲା । ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ସମାଜରେ ପଡୁଥିବା ନକରାତ୍ମକ କାର୍ଯ୍ୟକଳାପ ଉପରେ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ଦଳର ସଂସଦୀୟ ନେତା ସୋନିଆ ଗାନ୍ଧୀ, ପୂର୍ବତନ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ ଆଜି

ନୂଆଦିଲ୍ଲୀସ୍ଥିତ ରାଜୀବ ଗାନ୍ଧୀଙ୍କ ସମାଧିସ୍ଥଳ ବୀରଭୂମିଠାରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

# ଦିଲ୍ଲୀ ସ୍କୁଲ

ଗ୍ରୀଷ୍ମପ୍ରକୋପକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ସମସ୍ତ ସରକାରୀ, ଘରୋଇ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ପାଇଁ ଆସନ୍ତା ମାସ ୩୦ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମଛୁଟି ଘୋଷଣା କରିଛନ୍ତି । ଗତ ୧୧ ତାରିଖରୁ ଆସନ୍ତା ମାସ ୩୦ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଗୁଡ଼ିକରେ ପାଠପଢ଼ା ବନ୍ଦ ରଖିବା ନେଇ ସେଠାକାର ଶିକ୍ଷା ନିର୍ଦ୍ଦେଶାଳୟ ବିଜ୍ଞପ୍ତି ଜାରି କରିଛି । ଗତ କିଛିଦିନ ହେବ ଦିଲ୍ଲୀରେ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଗତ ରବିବାର ଦିନ ନଜଫଗଡ ଅଞ୍ଚଳରେ ଦିନ ତାପମାତ୍ରା ୪୭ଦଶମିକ ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା । ସେହିଭଳି ଗାଜିଆବାଦରେ ମଧ୍ୟ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ନର୍ସରୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠପଢ଼ାକୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବିହାର-ପୋଷ୍ଟ ପୋଲ

ବିହାରର ଶରନ ସଂସଦୀୟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛାପ୍ରା ସହରର ତେଲପା ଥାନା ଅଞ୍ଚଳରେ ଗତକାଲି ଘଟିଥିବା ହିଂସାକାଣ୍ଡରେ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୨ଜଣ ଆହତ ଏବେ ଚିକିତ୍ସାଧୀନ ଅଛନ୍ତି । ଶରନର ଆରକ୍ଷୀ ଅଧିକ୍ଷକ ଡକ୍ଟର ଗୌରଭ ମଙ୍ଗଲା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଗତକାଲି ମତଗ୍ରହଣ ସମୟରେ ଜାଲିଆତି ଅଭିଯୋଗକୁ

ନେଇ ଭିକାରୀ ଠାକୁର ଛକ ଅଞ୍ଚଳରେ ଆଜି ଦୁଇ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ପରସ୍ପର ଉପରକୁ ଗୁଳିଚାଳନା ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାରେ ଜଡିତ ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି କହିଛନ୍ତି । ତେବେ ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ଏବଂ ସେଠାରେ ପୁଲିସ ଫୋର୍ସକୁ ମୁତୟନ କରାଯାଇଛି । ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି ସାମାଜିକ ଗଣମାଧ୍ୟମରେ ପ୍ରଚାର ହେଉଥିବା ଗୁଜବକୁ ପ୍ରତିହତ କରିବା ଲକ୍ଷ୍ୟରେ ଆଜିଠାରୁ ଦୁଇଦିନ ପର୍ଯ୍ୟନ୍ତ ସେଠାରେ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯାଇଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ପ୍ରଥମ କ୍ୱାଲିଫାୟର୍ ମ୍ୟାଚ୍ ଆଜି ଖେଳାଯିବ । ପଏଣ୍ଟ ତାଲିକାର ପ୍ରଥମ ଦୁଇଟି ସ୍ଥାନରେ ଥିବା କୋଲକାତା ନାଇଟ୍ ରାଇଡର୍ସ୍ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ହାଇଦ୍ରାବାଦ୍ ଠାରେ ଏହି ମୁକାବିଲା ହେବ । ଏହି ମ୍ୟାଚ୍‌ର ବିଜେତା ସିଧାସଳଖ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବେ ।